ଧରିତ୍ରୀ
DHARITRI
...ously from Bhubaneswar, Sambalpur, Dhenkanal, Berhampur, Balasore and Rayagada
ବ୍ରହ୍ମପୁର, ସୋମବାର, ଜୁଲାଇ ୨୦/୨୦୧୫ (୧୬ ପୃଷ୍ଠା) Berhampur, Monday, July 20 / 2015

# ଆଦିବାସୀ ଭାଷାରେ ପୁସ୍ତକ ପ୍ରକାଶ ଲାଗି କେନ୍ଦ୍ର ଦେବ ସହାୟତା

## ଜାତୀୟ ସମ୍ବଳ ତାଲିମ କେନ୍ଦ୍ର ଉଦ୍‌ଘାଟିତ




କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟ ଅତିଥିମାନେ ।

ବ୍ରହ୍ମପୁର ଅଫିସ,୧୯।୭– ଆଦିବାସୀଙ୍କ ବିଭିନ୍ନ ଭାଷା ରହିଛି । ସେହି ଅନେକ ଭାଷାର ଅପ୍ରକାଶିତ ପୁସ୍ତକ ପ୍ରକାଶ ଲାଗି କେନ୍ଦ୍ର ସରକାର ସହାୟତା ଦେବେ ବୋଲି ବିଭାଗୀୟ ମନ୍ତ୍ରୀ ଜୁଏଲ ଓରାମ ଘୋଷଣା କରିଛନ୍ତି । ଗୋପାଳପୁର ନିକଟସ୍ଥ ମାଣ୍ଡିଆପଲ୍ଲୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରେମ' କାର୍ଯ୍ୟାଳୟରେ ମାତୃଭାଷାଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇଁ ନବନିର୍ମିତ ଜାତୀୟ ସମ୍ବଳ ଓ ତାଲିମ କେନ୍ଦ୍ରକୁ ରବିବାର ଅପରାହ୍ଣରେ ଓରାମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଦେଶର ୧୬ ରାଜ୍ୟରେ ଥିବା ଆଦିବାସୀମାନଙ୍କ ମାତୃଭାଷାଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଏହି ଜାତୀୟ ସମ୍ବଳ ଓ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଉଦ୍‌ଘାଟନୀ ସମାରୋହରେ ପ୍ରେମର ସଭାପତି ଡ.ଜାକୋବ ଥୁମ୍ବିଲ ଅଧ୍ୟକ୍ଷତା କରିଥିଲେ । ନେଦରଲାଣ୍ଡରେ ଥିବା ବର୍ଣ୍ଣାର୍ଡଭାନ ଲିଅର ଫାଉଣ୍ଡେସନ (ବିଭିଏଲଏଫ) ଅନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ଏହି କେନ୍ଦ୍ର ନିର୍ମିତ ହୋଇଥିବା ଥୁମ୍ବିଲ ସୂଚାଇଥିଲେ। କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ କହିଥିଲେ, ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି କେନ୍ଦ୍ର ସରକାର ବଦ୍ଧପରିକର । ସରଳ ଆଦିବାସୀମାନେ ସ୍ୱାଭିମାନୀ। ସେମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲେ ମଧ୍ୟ ଭିକ ନ ମାଗି ଉଭୟ ମହିଳା ଓ ପୁରୁଷମାନେ କଠିନ ପରିଶ୍ରମ କରି ଜୀବିକା ନିର୍ବାହ କରନ୍ତି । ଆଦିବାସୀମାନେ ମିଛ କହନ୍ତି ନାହିଁ କି ଅବିଶ୍ୱାସୀ ନୁହନ୍ତି ବୋଲି ଓରାମ ପ୍ରକାଶ କରିଥିଲେ । ସମାରୋହରେ ବିଧାନସଭା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବିଭିଏଲଏଫର ଭାରତରେ ଅବସ୍ଥାପିତ ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଦିବାସୀ ମଞ୍ଚ ନେତା ସୁଧୀର ବିଶ୍ୱାଳ ଯୋଗ ଦେଇଥିଲେ । ବିନ୍ଦୁ ଲତା ଦୁଲକା ୭ ଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପ୍ରେମ ସଂସ୍ଥାର ପ୍ରୋତ୍ସାହନରେ ପାଠ ପଢୁଥିବା ଆଦିବାସୀ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଓଡ଼ିଶା ଆଦିବାସୀ ମଞ୍ଚ ପକ୍ଷରୁ ଏହି ଅବସରରେ ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରତନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଭଗୋ ମଣ୍ଡଳ ଧନ୍ୟବାଦ ଦେଇଥିଲେ ।

News Clippings Inagural Function of NRTC PREM,Berhampur

नवभारत
भुवनेश्वर-कटक
भुवनेश्वर, मंगलवार, 21 जुलाई 2015

पेज -2
ग्रामीणों ने स्कूल में जड़ा ताला

# राज्य में खुलेंगे और पांच एकलव्य स्कूल

## केंद्रीय मंत्री ने किया राष्ट्रीय संसाधन व प्रशिक्षण केंद्र का उद्घाटन




ब्रह्मपुर. राज्य में और पांच एकलव्य आदर्श आवासीय स्कूल (ईएमआरएस) खोलने का केंद्र सरकार ने निर्णय लिया है. इसके लिए केंद्र सरकार पचास करोड़ रुपये मंजूर कर चुकी है.यह बातें स्थानीय मांडियापली में सोमवार को मातृभाषा पर आधारित प्राक प्राथमिक शिक्षा के लिए राष्ट्रीय संसाधन और प्रशिक्षण केंद्र का उद्घाटन करते हुए केंद्रीय अनुसूचित्त जाति व अनुसूचित जनजाति मामलों के मंत्री जुएल ओराम ने कही. उन्होंने कहा कि ईएमआरएस खोलने के लिए ओडिशा सरकार जमीन की पहचान करेगी.

उन्होंने कहा कि अनुसूचि जाति और अनुसूचित जनजाति मंत्रालय ने भुवनेश्वर में अनुसूचित जाति और अनुसूचित जनजाति अनुसंधान और प्रशिक्षण संस्थान खोलने का निर्णय लिया है. इसके माध्यम से भाषा की सुरक्षा होगी. इसके साथ ओडिशा तथा भारत में दिन ब दिन लुप्त हो रही अनुसूचित जानजाति भाषा भी बचेगी. स्वयंसेवी संगठन 'प्रेम' की ओर से स्थापित्त केंद्र के उद्घाटन समारोह में प्रेम के अध्यक्ष डा जाकोब थुंडिल ने समारोह की अध्यक्षता की. समारोह में विधानसभा के पूर्व अध्यक्ष रामचंद्र पंडा, ब्रह्मपुर नगर निगम के पूर्व मेयर शिव शंकर दास, भाजपा नेता विभूति जेना, जिला भाजपा अध्यक्ष विजय स्वाई, बीवीएल एफ के भारत निदेशिका धरित्री पटनायक आदि मंचासीन थे.

## एकलव्य आदर्श आवासीय स्कूल

एकलव्य आदर्श आवासीय स्कूल अनुसूचित्त जनजाति समुदाय के शिक्षार्थियों को बेहतर शिक्षा देने के लिए खोला गया है. इसी स्कूल के माध्यम से शिक्षार्थियों को उच्च शिक्षा कार्यक्रम के लि तैयार किया जाता है. इससे बच्चों को इंजीनियरिंग और मेडिकल परीक्षा की तैयारी आदि में सहूलियत मिलती है. राज्य के नौ जिलों में 13 एकलव्य स्कूल हैं. इनमें सुंदरगढ़ में तीन, मयूरभंज, केंदुझर, नवरंगपुर, कोरापुट, रायगढ़ा, गजपति, कंधमाल और जाजपुर में एक-एक हैं.

News Clippings

Inagural Function of NRTC PREM, Berhampur


# ଓଡ଼ିଶା ଭାସ୍କର

ODISHA BHASKAR

ଜନସାଧାରଣଙ୍କ ସ୍ୱର

Published Simultaneously from Bhubaneswar, Angul & Berhampur.

20 JULY MONDAY 2015 BHUBANESWAR

ସୋମବାର, ଜୁଲାଇ ୨୦, ୨୦୧୫


## ମାତୃଭାଷାଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାପାଇଁ ଜାତୀୟ ସମ୍ବଳ ଓ ତାଲିମ୍‌କେନ୍ଦ୍ର ଉଦ୍‌ଘାଟିତ




ବ୍ରହ୍ମପୁର ଅଫିସ୍ : ରବିବାର ଦିନ ସଂଧ୍ୟାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, ମାଣ୍ଡିଆପଲ୍ଲୀ ନିକଟରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ୍ ପରିସରରେ ଏକ ଜାତୀୟ ସମ୍ବଳ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଏହି କେନ୍ଦ୍ରଟି ଭାରତରେ ୧୬ଟି ରାଜ୍ୟରେ ଥିବା ଆଦିବାସୀମାନଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଉତ୍ସର୍ଗୀକୃତ କରାଯାଇଛି । ନେଦରଲାଣ୍ଡରେ ଅବସ୍ଥିତ ବର୍ଣ୍ଣାର୍ଡ ଭାନ୍ ଲିଅର୍ ଫାଉଣ୍ଡେସନ୍ (ବିଭିଏଲ୍ଏଫ୍) ନାମକ ଆନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ନିର୍ମିତ ଏହି ସମ୍ବଳ କେନ୍ଦ୍ରଟିରେ ଏକ ଆଦର୍ଶ ପ୍ରାକ୍ ପ୍ରାଥମିକ ଶିଶୁ କେନ୍ଦ୍ର ରହିଥିବାବେଳେ ତାଲିମ ପାଇଁ ଏକ ସଭାଗୃହ ମଧ୍ୟ ରହିଛି । ଏହି ଉତ୍ସବରେ ପ୍ରେମ୍‌ର ସଭାପତି ଡ. ଜାକୋବ ଥୁଣ୍ଡିଲ୍ ବିଭିଏଲ୍ଏଫ୍ ଭାରତର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ଯୋଗଦେଇ ଥିଲେ । ଏହି ଅବସରରେ ଓଡ଼ିଶା ଆଦିବାସୀ ମଞ୍ଚ, ନାକ୍‌ଡିପ୍ (ଆଦିବାସୀଙ୍କ ଉନ୍ନତି ପାଇଁ ଏକ ଜାତୀୟସ୍ତରର ମଞ୍ଚ) ଓ ପ୍ରେମ୍ ସଂଯୋଜନାରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା । ପ୍ରେମ୍‌ର ସଭାପତି ଡ. ଥୁଣ୍ଡିଲ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭିଏଲ୍ଏଫ୍‌ର ଶ୍ରୀମତୀ ପଟ୍ଟନାୟକ ମାତୃଭାଷା ଭିତ୍ତିକ ବହୁଭାଷୀ ଅଭିଯାନ ବିଷୟରେ କହିଥିଲେ । ସେହିପରି ନାକ୍‌ଡିପ୍ ସଂପର୍କରେ ସୁଧୀର ଦିଗାଲ୍ ସୂଚନା ପ୍ରଦାନ କରିଥିଲେ । ଓଡ଼ିଶା ଆଦିବାସୀ ମଞ୍ଚ ତରଫରୁ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ୍‌ଙ୍କୁ ପ୍ରମିଳା ମଣ୍ଡଳ ଓ ନାକ୍‌ଡିପ୍ ତରଫରୁ ବିଦ୍ୟୁଲତା ହୁଇକା ବିଭିନ୍ନ ଦାବୀ ଉପସ୍ଥାପନ କରି ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଏଥିରେ ଯୋଗଦେଇ ଆଦିବାସୀ କଲ୍ୟାଣ ମନ୍ତ୍ରୀ, ଆଦିବାସୀଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କରିଛନ୍ତି ଓ ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଆବଶ୍ୟକତା ରହିଛି । ମୁଁ ଓଡ଼ିଶାର ଓ କେନ୍ଦ୍ରରେ ଆଦିବାସୀ ମନ୍ତ୍ରଣାଳୟର ମନ୍ତ୍ରୀ ଥିବାରୁ ନିଜକୁ ଗର୍ବିତ ମନେକରି ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ କିପରି ଉନ୍ନତି କରାଯିବ ସେଥିପ୍ରତି ଦୃଷ୍ଟି ଦେଉଛି ବୋଲି ନିଜ ଅଭିଭାଷଣରେ କହିଥିଲେ । ଶେଷରେ ଉଦୋ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ [illegible] ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେଡି ସଭାପତି ବିଜୟ ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବ ଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ରତନ ମିଶ୍ରଙ୍କ ସମେତ ପ୍ରେମର ଅନ୍ୟାନ୍ୟ ସହକର୍ମୀ ସଂଯୋଜନା କରିଥିଲେ ।

Bhubaneswar Monday July 20, 2015 ଭୁବନେଶ୍ୱର ସୋମବାର, ଜୁଲାଇ ୨୦,୨୦୧୫ ₹ 3.00

www.pragativadi.com

ପ୍ରଗତିବାଦୀ
PRAGATIVADI

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ● FOUNDER PRADYUMNA BAL

News Clippings

Inagural Function of NRTC

PREM,Berhampur

# ଜାତୀୟ ସମ୍ବଳ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ




ବ୍ରହ୍ମପୁର,୧୯।୭(ପିଏନ୍‌ଏସ୍‌): ସହର ଉପକଣ୍ଠସ୍ଥ ମାଣ୍ଡିଆପଲ୍ଲୀ ଠାରେ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ନିମନ୍ତେ ଜାତୀୟ ସମ୍ବଳ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ପ୍ରେମ ପକ୍ଷରୁ ଏହି କେନ୍ଦ୍ର ନିର୍ମାଣ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରେମର ସଭାପତି ଡ଼. ଜାକୋବ ଥୁମ୍ବିଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ କହିଥିଲେ ଏହି କେନ୍ଦ୍ର ମାଧ୍ୟମରେ ଆଦିବାସୀ ଭାଷାର ସୁରକ୍ଷା ହେବା ସହ ଏକ ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହେବ। ଏଥିସହ ଓଡ଼ିଶା ତଥା ଭାରତରେ ଧୀରେ ଧୀରେ ଆଦିମ ଆଦିବାସୀଙ୍କ ଭାଷା ଲୋପ ପାଇବାରେ ବସିଲାଣି। ଏଣୁ ଏହାର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ସେ କହିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାସ, ବିଜେପି ନେତା ବିଭୂତି ଜେନା, ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁ, ବିଭିଏଲ୍ ଏଫ୍‌ର ଭାରତର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ସଂଗ୍ରାମ ପାଇଁ ୧୯୪୬-୫୦ର ସମୟ କାଳରେ ରାଜ୍ୟର ମିଶ୍ରଣ, ରାଜଧାନୀ ପ୍ରତିଷ୍ଠା, ହୀରାକୁଦ ବନ୍ଧ ନିର୍ମାଣ ବେଳର ଘଟଣା ।
ପଢ଼ନ୍ତୁ ପଢ଼ାନ୍ତୁ
ଡକ୍ଟର ହରେକୃଷ୍ଣ ମହତାବଙ୍କ ଆତ୍ମଜୀବନୀ
ସାଧନାର ପଥେ
ଦ୍ୱିତୀୟ ଖଣ୍ଡ (୧୯୪୬-୧୯୫୦)
ମୂଲ୍ୟ: ଟ. ୧୪୦ (ମାତ୍ର)


ପ୍ରାପ୍ତିସ୍ଥାନ : ପ୍ରଜାତନ୍ତ୍ର ପୁସ୍ତକ ଭଣ୍ଡାର
ବିହାରୀବାଗ, କଟକ-୨

ପ୍ରଜାତନ୍ତ୍ର
The Prajatantra
ପ୍ରତିଷ୍ଠାତା- ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ
www.eprajatantra.com

୬୮ ବର୍ଷ ସଂଖ୍ୟା-୩୩୬ ● କଟକ ● ସୋମବାର ● ୨୦ ଜୁଲାଇ ୨୦୧୫ ● କର୍କଟ ୦୬ ସାଲ୍ ୧୪୨୨ ● CUTTACK MONDAY 20 JULY-2015 ● RNI Regd.No.4001/57, Po

# ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇଁ ଜାତୀୟ ସମ୍ବଳ ଓ ତାଲିମ୍ କେନ୍ଦ୍ର ଉଦ୍ଘାଟିତ






ବ୍ରହ୍ମପୁର (ପିପିଏସ୍) : ରବିବାର ଦିନ ସଂଧ୍ୟାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, ମାଣ୍ଡିଆପଲ୍ଲୀ ନିକଟରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ ପରିସରରେ ଏକ ଜାତୀୟ ସମ୍ବଳ କେନ୍ଦ୍ରକୁ ଉଦ୍ଘାଟନ କରିଛନ୍ତି । ଏହି କେନ୍ଦ୍ରଟି ଭାରତରେ ୧୬ଟି ରାଜ୍ୟରେ ଥିବା ଆଦିବାସୀମାନଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଉତ୍ସର୍ଗୀକୃତ କରାଯାଇଛି । ନେଦରଲାଣ୍ଡରେ ଅବସ୍ଥିତ ବର୍ଣ୍ଣାର୍ଡ ଭାନ୍ ଲିଅର୍ ଫାଉଣ୍ଡେସନ୍ (ବିଭିଏଲ୍ଏଫ୍) ନାମକ ଆନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ନିର୍ମିତ ଏହି ସମ୍ବଳ କେନ୍ଦ୍ରଟିରେ ଏକ ଆଦର୍ଶ ପ୍ରାକ୍ ପ୍ରାଥମିକ ଶିଶୁ କେନ୍ଦ୍ର ରହିଥିବାବେଳେ ତାଲିମ ପାଇଁ ଏକ ସଭାଗୃହ ମଧ୍ୟ ରହିଛି । ଏହି ଅବସରରେ ପ୍ରେମର ସଭାପତି ଡ. ଜାକୋବ ଥୁଣ୍ଡିଲ, ବିଭିଏଲଏଫ୍ ଭାରତର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ଯୋଗଦେଇ ଥିଲେ । ଏହି ଅବସରରେ ଓଡ଼ିଶା ଆଦିବାସୀ ମଞ୍ଚ, ନାକଡିପ (ଆଦିବାସୀଙ୍କ ଉନ୍ନତି ପାଇଁ ଏକ ଜାତୀୟସ୍ତରର ମଞ୍ଚ) ଓ ପ୍ରେମ ସଂଯୋଜନାରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା । ପ୍ରେମର ସଭାପତି ଡ. ଥୁଣ୍ଡିଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭିଏଲଏଫ୍ର ଶ୍ରୀମତୀ ପଟ୍ଟନାୟକ ମାତୃଭାଷା ଭିତ୍ତିକ ବହୁଭାଷୀ ଅଭିଯାନ ବିଷୟରେ କହିଥିଲେ । ସେହିପରି ନାକଡିପ ସଂପର୍କରେ ସୁଧୀର ବିଶାଲ ସୂଚନା ପ୍ରଦାନ କରିଥିଲେ । ଓଡ଼ିଶା ଆଦିବାସୀ ମଞ୍ଚ ତରଫରୁ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କୁ ପ୍ରମିଳା ମଣ୍ଡଳ ଓ ନାକଡିପ ତରଫରୁ ବିଦ୍ୟୁଲତା ହୁଇକା ବିଭିନ୍ନ ଦାବୀ ଉପସ୍ଥାପନ କରି ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଏଥିରେ ଯୋଗଦେଇ ଆଦିବାସୀ କଲ୍ୟାଣ ମନ୍ତ୍ରୀ, ଆଦିବାସୀଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କରିଛନ୍ତି ଓ ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଆବଶ୍ୟକତା ରହିଛି । ମୁଁ ଓଡ଼ିଶାର ଓ କେନ୍ଦ୍ରରେ ଆଦିବାସୀ ମନ୍ତ୍ରଣାଳୟର ମନ୍ତ୍ରୀ ଥିବାରୁ ନିଜକୁ ଗର୍ବିତ ମନେକରି ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ବିଶେଷ ଉନ୍ନତି କରାଯିବା ସେଥିପ୍ରତି ଦୃଷ୍ଟି ଦେଉଛି ବୋଲି ନିଜ ଅଭିଭାଷଣରେ କହିଥିଲେ । ଶେଷରେ ଇନ୍ଦୋ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବ ଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍ତମ ମିଶ୍ରଙ୍କ ସମେତ ପ୍ରେମର ଅନ୍ୟାନ୍ୟ କର୍ମକର୍ତ୍ତା ସଂଯୋଜନା କରିଥିଲେ ।

www.pram

# ପ୍ରମେୟ

THE PRAMEYA

ଭୁବନେଶ୍ୱର • ସମ୍ବଲପୁରରେ ମୁଦ୍ରିତ • RNI REGD NO: ODIODI/2011/37619 • POSTAL REGD NO: BN/208/12-14


ଲେ ମାତ୍ର ୬୯୪୦ ଡେଭିସ୍ କପ୍: ପ୍ଲେ


• ବର୍ଷ ୫ • ସଂଖ୍ୟା ୮୦ • ଭୁବନେଶ୍ୱର • ସୋମବାର • ୨୦ ଜୁଲାଇ ୨୦୧୫


News Clippings

Inagural Function of NRTC

PREM,Berhampur

## 'ପ୍ରେମ୍' ପରିସରରେ ଜାତୀୟ ସମ୍ବଳ ଓ ତାଲିମ୍ କେନ୍ଦ୍ର




ବ୍ରହ୍ମପୁର, ୧୯।୭ (ବ୍ୟୁରୋ): ରବିବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, ମାଣ୍ଡିଆପଲ୍ଲୀ ନିକଟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ୍ ପରିସରରେ ଏକ ଜାତୀୟ ସମ୍ବଳ ଓ ତାଲିମ୍ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଏହି କେନ୍ଦ୍ରଟି ୧୬ଟି ରାଜ୍ୟରେ ଥିବା ଆଦିବାସୀଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଉତ୍ସର୍ଗୀକୃତ କରାଯାଇଛି । ନେଦରଲାଣ୍ଡରେ ଅବସ୍ଥିତ ବର୍ଣ୍ଣାର୍ଡ ଭାନ୍ ଲିଅର୍ ଫାଉଣ୍ଡେସନ୍ (ବିଭିଏଲ୍‌ଏଫ୍) ନାମକ ଆନ୍ତର୍ଜାତୀୟ ସଂସ୍ଥା ସହାୟତାରେ ନିର୍ମିତ ଏହି ସମ୍ବଳ କେନ୍ଦ୍ରଟିରେ ଏକ ଆଦର୍ଶ ପ୍ରାକ୍ ପ୍ରାଥମିକ ଶିକ୍ଷା କେନ୍ଦ୍ର ରହିଥିବା ବେଳେ ତାଲିମ ପାଇଁ ଏକ ସଭାଗୃହ ରହିଛି । ଉତ୍ସବରେ ପ୍ରେମ ସଭାପତି ଡ. ଜାକୋବ ଥୁଣ୍ଡିଲ, ବିଭିଏଲ୍‌ଏଫ୍ ଭାରତର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ଯୋଗଦେଇ ଥିଲେ । ପ୍ରେମ ସଭାପତି ଡ. ଥୁଣ୍ଡିଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭିଏଲ୍‌ଏଫ୍‌ର ଶ୍ରୀମତୀ ପଟ୍ଟନାୟକ ମାତୃଭାଷା ଭିତ୍ତିକ ବହୁଭାଷୀ ଅଭିଯାନ ବିଷୟରେ କହିଥିଲେ । ନାବାର୍ଡ ସଂପର୍କରେ ସୁନ୍ଦର ବିଶାଳ ସୂଚନା ପ୍ରଦାନ କରିଥିଲେ । ଓଡ଼ିଶା ଆଦିବାସୀ ମଞ୍ଚ ତରଫରୁ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କୁ ପ୍ରତିମା ମଣ୍ଡଳ ଓ ନାବାର୍ଡ ତରଫରୁ ବିଦ୍ୟାଳୟ ଭୁବନା ଏକ ଦାବିପତ୍ର ପ୍ରଦାନ କରିଥିଲେ । ଆଦିବାସୀ କଲ୍ୟାଣ ମନ୍ତ୍ରୀ, ଆଦିବାସୀଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କରିଛନ୍ତି ଓ ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଆବଶ୍ୟକତା ରହିଛି ବୋଲି କହିଥିଲେ । ଶେଷରେ ଜବୋ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବତନ କୁଳପତି ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁ, ବିଜେପି ପ୍ରତିନିଧି ମେୟର ଶିବଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ରଜନୀ ମିଶ୍ରଙ୍କ ସମେତ ପ୍ରେମର ଅନ୍ୟାନ୍ୟ ସହକର୍ମୀ ସଂଯୋଜନା କରିଥିଲେ ।

ବ୍ରହ୍ମପୁର
୨୦ ଜୁଲାଇ, ୨୦୧୫
● ପ୍ରାତଃ ସଂସ୍କରଣ ●
RNI No: ORIORI 2005/15907
Berhampur
Vol -IX
Issue - 280
July 20, 2015

ପ୍ରତିଦିନ
PRATIDIN
ଭଗବାନଙ୍କ ବ୍ୟତୀତ କାହାକୁ ଡରେନା
ଭୁବନେଶ୍ୱର, ବ୍ରହ୍ମପୁର, ରାୟଗଡ଼ାରୁ ଏକ ସଂଗେ ପ୍ରକାଶିତ

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ସମ୍ବଳ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ




ବ୍ରହ୍ମପୁର ଅଫିସ, ୧୯।୭: ସହର ଉପକଣ୍ଠସ୍ଥ ମାଣ୍ଡିଆପଲ୍ଲୀ ଠାରେ ମାତୃଭାଷା ଭିତ୍ତିକ ବହୁଭାଷି ପ୍ରାକ୍ ପ୍ରାଥମିକ ଶିକ୍ଷା ନିମନ୍ତେ ଜାତୀୟ ସମ୍ବଳ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ୍ ଓରାମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କେନ୍ଦ୍ରକୁ ଉଦ୍ଘାଟନ କରିଥିଲେ । ସ୍ୱେଚ୍ଛାସେବୀ ସଂଗଠନ ପ୍ରେମ ପକ୍ଷରୁ ଏହି କେନ୍ଦ୍ର ନିର୍ମାଣ ହୋଇଛି । ଏହି ଅବସରରେ ଆୟୋଜିତ ସଭାରେ ପ୍ରେମର ସଭାପତି ଡ. ଜାକୋବ ଥୁଣ୍ଡିଲ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ କହିଥିଲେ ଏହି କେନ୍ଦ୍ର ମାଧ୍ୟମରେ ଧାର୍ନିବାସି ଭାଷାର ସୁରକ୍ଷା ହେବା ସହ ଏକ ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହେବ । ଏଥିସହ ଓଡ଼ିଶା ତଥା ଭାରତରେ ଧିରେ ଧିରେ ଧାର୍ନିମ ଆଦିବାସୀଙ୍କ ଭାଷା ଲୋପ ପାଇବାରେ ବସିଲାଣି । ଏଣୁ ଏହାର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ସେ କହିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାସ, ବିଜେପି ନେତା ବିଭୂତି ଜେନା, ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁ, ବିଡିଏଲ ଏପର ଭାରତର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।

ଊନବିଂଶ ବର୍ଷ
ସଂଖ୍ୟା ୨୮୬
୧୯୩୪ ଶକାବ୍ଦ,
ଚତୁର୍ଥୀ ତିଥି
୨୦ ଜୁଲାଇ ୨୦୧୫, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୬ ମୂଲ୍ୟ- ଟ ୩.୦୦

ସମୟ SAMAYA
ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
Bhubaneswar • Balasore • Angul • Berhampur • Sambalpur

News Clippings of NRTC PREM, Berhampur
Inagural Function of NRTC

# ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇଁ ଜାତୀୟ ସମ୍ବଳ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ



ବ୍ରହ୍ମପୁର,୧୯।୦୭ (ସଂବ୍ଧାଃ): ରବିବାର ସନ୍ଧ୍ୟାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, ମାଣ୍ଡିଆପଲ୍ଲୀ ନିକଟରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ ପରିସରରେ ଏକ ଜାତୀୟ ସମ୍ବଳ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଏହି କେନ୍ଦ୍ରଟି ଭାରତରେ ୧୬ଟି ରାଜ୍ୟରେ ଥିବା ଆଦିବାସୀଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଉତ୍ସର୍ଗୀକୃତ କରାଯାଇଛି । ନେଦରଲାଣ୍ଡରେ ଅବସ୍ଥିତ ବର୍ଣ୍ଣାର୍ଡ ଭାନ୍ ଲିଅର୍ ଫାଉଣ୍ଡେସନ (ବିଭିଏଲ୍‌ଏଫ୍) ନାମକ ଆନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ନିର୍ମିତ ଏହି ସମ୍ବଳ କେନ୍ଦ୍ରରେ ଏକ ଆଦର୍ଶ ପ୍ରାକ ପ୍ରାଥମିକ ଶିଶୁ କେନ୍ଦ୍ର ରହିଥିବା ବେଳେ ତାଲିମ ପାଇଁ ଏକ ସଭାଗୃହ ମଧ୍ୟ ରହିଛି । ଏଥିରେ ପ୍ରେମର ସଭାପତି ଡ଼. ଜ୍ୟାକବ୍ ଥୁଣ୍ଡିଲ୍ ବିଭିଏଲ୍‌ଏଫ୍‌ର ଭାରତୀୟ ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ଅବସରରେ ଓଡ଼ିଶା ଆଦିବାସୀ ମଞ୍ଚ, ନାକ୍‌ଡିପ୍ (ଆଦିବାସୀଙ୍କ ଉନ୍ନତି ପାଇଁ ଏକ ଜାତୀୟସ୍ତରର ମେଣ୍ଟ) ଓ ପ୍ରେମ ସଂଯୋଜନାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ପ୍ରେମର ସଭାପତି ଡ. ଥୁଣ୍ଡିଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭିଏଲ୍‌ଏଫ୍‌ର ଶ୍ରୀମତୀ ପଟ୍ଟନାୟକ ମାତୃଭାଷା ଭିତ୍ତିକ ବହୁଭାଷୀ ଅଭିଯାନ ବିଷୟରେ କହିଥିଲେ । ସେହିପରି ନାକଡିପ୍ ସମ୍ପର୍କରେ ସୁଧୀର ଡିଗାଲ ସୂଚନା ଦେଇଥିଲେ । ଓଡିଶା ଆଦିବାସୀ ମଞ୍ଚ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ପ୍ରମିଳା ମଣ୍ଡଳ ଓ ନାକଡିପ ତରଫରୁ ବିଦ୍ୟୁଲତା ଝୁଲକା ବିଭିନ୍ନ ଦାବି ଉପସ୍ଥାପନ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ଯୋଗ ଦେଇ ଆଦିବାସୀ କଲ୍ୟାଣ ମନ୍ତ୍ରୀ, ଆଦିବାସୀଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କରିଛନ୍ତି , ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଆବଶ୍ୟକ ବୋଲି କହିଥିଲେ । ଶେଷରେ ଉଡୋ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବ ଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରେମର କର୍ମଚାରୀ ରତନ ମିଶ୍ରଙ୍କ ସମେତ ଅନ୍ୟ ସହକର୍ମୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ କହିଥିଲେ ଯେ, ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ଘଟିବା ସହ ହଷ୍ଟେଲରେ ନାବାଳିକାଙ୍କ ମାତୃତ୍ୱ ଘଟଣାକୁ ଗମ୍ଭୀରତାର ସହ ନିଆଯାଉଛି । ଏଥିରେ ସ୍କୁଲର ଶିକ୍ଷକ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସମ୍ପୃକ୍ତ ଥିବାରୁ ଏହାକୁ ସଠିକ୍ ତଦନ୍ତ କରିବା ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଓ ଏସ୍‌ଟି କମିଶନ୍‌ର ଏକ ସ୍ୱତନ୍ତ୍ର ଦଳ ଓଡ଼ିଶା ଆସିବେ ବୋଲି ଗଂଜାମ ଗସ୍ତରେ ଆସିଥିବା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି । ଓଡ଼ିଶାରେ ବିଭିନ୍ନ ବ୍ଲକ ଆଦିବାସୀ ଅଞ୍ଚଳରସ୍କୁଲ ଗୁଡ଼ିକରେ ଶିକ୍ଷକ ଓ ହଷ୍ଟେଲ ପରିଚାଳକମାନେ ନାବାଳିକା ଓ ଶିକ୍ଷୟିତ୍ରୀଙ୍କ ସହ ଅନୈତିକ ସମ୍ପର୍କ ରଖି ଅନ୍ତଃସତ୍ତ୍ୱା କରିବା ଘଟଣା ଦୁଃଖଜନକ । ଏଭଳି ଘଟଣାରେ ସମ୍ପୃକ୍ତ ଥିବା ଶିକ୍ଷକ ଓ ପରିଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଦିବାସୀ ମନ୍ତ୍ରଣାଳୟର ରାଜ୍ୟ ସରକାରଙ୍କୁ ୨୦୧୪-୧୫ ଆର୍ଥିକ ବର୍ଷରେ ୪୨୧ କୋଟି ଟଙ୍କା ଆଦିବାସୀ କଲ୍ୟାଣ ଲାଗି ଦିଆଯାଇଛି । ଏଥିରେ ରାଜ୍ୟର ୫ଟି ସ୍ଥାନରେ ଏକଲବ୍ୟ ମୋଡ଼ାଲ ସ୍କୁଲ ପ୍ରତିଷ୍ଠା ପାଇଁ ସ୍ଥିର କରାଯାଇଛି । ରାଜ୍ୟ ସରକାର ଏହି ଅର୍ଥକୁ କିଭଳି ଓ କେଉଁ ସ୍ଥାନରେ ନିୟୋଗ କରୁଛନ୍ତି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ମନ୍ତ୍ରୀ ଜୁଏଲ ଓରାମ୍ କହିଥିଲେ । ପ୍ରେମ ଭଳି ଏକ ବେସରକାରୀ ସଂସ୍ଥା ଗ୍ରାମୀଣ ଶିକ୍ଷାର୍ଥୀଙ୍କ ଶିକ୍ଷାଦାନ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଯେଉଁ



କାର୍ଯ୍ୟ କରିଛି ତାହା ସ୍ୱାଗତଯୋଗ୍ୟ । ବ୍ରହ୍ମପୁରକୁ ସ୍ମାର୍ଟ ସିଟିରେ ପରିଣତ କରିବା ପରିପ୍ରେକ୍ଷୀରେ ସେ କହିଥିଲେ ଯେ, କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ୧୦୦ଟି ସହରକୁ ସ୍ମାର୍ଟ ସିଟି କରିବା ପାଇଁ ଯୋଜନା ରଖିଛନ୍ତି । ଯଦି ବ୍ରହ୍ମପୁର ସହର ଏଥିରେ ଯୋଗ୍ୟ ବିବେଚିତ ହୁଏ ତାହାହେଲେ ସ୍ମାର୍ଟ ସିଟି ପ୍ରତିଷ୍ଠା ନିତାନ୍ତ ଆବଶ୍ୟକ । ଯଦି ବ୍ୟକ୍ତିଗତ ସ୍ତରରେ ଆବଶ୍ୟକତା ପଡ଼େ ତେବେ ସେ ନିଶ୍ଚିତ ଭାବେ ସ୍ୱର ଉଠାଇବେ ବୋଲି ମନ୍ତ୍ରୀ ଶ୍ରୀ ଓରାମ୍ କହିଥିଲେ ।

Volume XXXI No 284
Berhampur
Tuesday 21 July 2015
Page 18 ₹ 5.00
ବ୍ରହ୍ମପୁର
ମଙ୍ଗଳବାର, ୨୧ ଜୁଲାଇ ୨୦୧୫
୧୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା
NI Regd. No. 42132/84

30 YEARS
SAMBAD
ସମ୍ବାଦ
BHUBANESWAR CUTTACK BERHAMPUR ANGUL BALASORE JEYPORE ROU...

News Clippings Inagural Function of NRTC PREM,Berhampur

# ଓଡ଼ିଆ ଭାଷା ଅବହେଳିତ, ହିନ୍ଦୀ ଦରମରା : ଜୁଏଲ୍

ଛତ୍ରପୁର,୨୦।୭(ଇମିସ): ଓଡ଼ିଶାରେ କେବଳ ଆଦିବାସୀ ଭାଷା ନୁହଁ ବରଂ ଓଡ଼ିଆ ଭାଷା ମଧ୍ୟ ଅବହେଳିତ ହୋଇ ରହିଛି । ବଡ଼ବଡ଼ ମହାନଗରୀରେ ଓଡ଼ିଆ ବାପା ମା ସେମାନଙ୍କ ପିଲାଛୁଆଙ୍କୁ ଇଂରାଜୀ ମିଡିଅମ ସ୍କୁଲରେ ପାଠ ପଢ଼ାଉଛନ୍ତି । ସେମାନଙ୍କ ପିଲାମାନେ ଓଡ଼ିଆ ଭାଷା କହି ପାରୁ ନାହାନ୍ତି କି ଲେଖି ପାରୁ ନାହାନ୍ତି । ଏଭଳି ଏକ ଅପସଂସ୍କୃତି ଆମ ଓଡ଼ିଶାପ୍ରତି ବିପଦ ସୃଷ୍ଟି କରିଛି ବୋଲି କହିଛନ୍ତି କେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜୁଏଲ୍ ଓରାମ୍ । ଆଜି କେନ୍ଦ୍ରମନ୍ତ୍ରୀ ଓରାମ ମାଣ୍ଡିଆପଲ୍ଲୀ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ ପରିସରରେ ଏକ ଜାତୀୟ ସମ୍ବଳ କେନ୍ଦ୍ରକୁ ଉଦ୍ଘାଟନ କରିବା ଅବସରରେ ଏହା କହିଛନ୍ତି। ଦେଶରେ ବହୁ ଭାଷା ମରି ଯାଉଛି । ହିନ୍ଦୀ ଭାଷା ଭଳି ରାଷ୍ଟ୍ରୀୟ ଭାଷା ମଧ୍ୟ ଦରମରା ହେଲାଣି। ଭାଷକୁ ଗୁରୁତ୍ୱ ନ ଦେଲେ ଆମ ସଂସ୍କୃତି ପରମ୍ପରା ବଂଚିବ ନାହିଁ । ଆଦିବାସୀମାନେ ସାଧାରଣତଃ




ସରଳ ବିଶ୍ୱାସୀ । ଭିଖ ମାଗିବାକୁ ପସନ୍ଦ କରନ୍ତି ନାହିଁ । ମିଛ କହିକା ଛଳନା କରିବା ଜାଣନ୍ତି ନାହିଁ । ତେଣୁ ମେସାନଙ୍କୁ ବହୁ ସ୍ଥାନରେ ପାଠପଢ଼ା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସୁଯୋଗ କମ୍ ମିଳିଥାଏ । ଭାଷା ବଂଚିଲେ ଜାତି ବଂଚିବ । ତେଣୁ ଭାଷାର ସୁରକ୍ଷା ଜରୁରି । ତେବେ ଆଦିବାସୀମାନଙ୍କ ଭାଷା ସୁରକ୍ଷା ନିମନ୍ତେ ଦୁଇଟି ଭାଷାରେ ପାଠ୍ୟ ପୁସ୍ତକ ପ୍ରକାଶନ କରିଥିବା ପ୍ରେମ୍ ସଂସ୍ଥାର ଉଦ୍ୟମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।

ପ୍ରେମ୍‌ର ସଭାପତି ଜ୍ୟାକୋବ୍ ଥୁଣ୍ଡିଲ ସଭାରେ ପୌରୋହିତ୍ୟକରି ପ୍ରାରମ୍ଭିକ ସୂଚନାକ୍ରମରେ କହିଲେ ଏହି ସମ୍ବଳ କେନ୍ଦ୍ରଟି ଭାରତର ୧୬ଟି ରାଜ୍ୟରେ ଆଦିବାସୀମାନଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ କାର୍ଯ୍ୟ କରିବ । ବିଭିଏଲ୍ଏଫ୍‌ର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ଶିଶୁ ଶିକ୍ଷାରୁ ଉତ୍ତୀର୍ଣ୍ଣ ହୋଇ କିପରି ପାରଦର୍ଶିତା ହାସଲ କରୁଛନ୍ତି ଓ ଆଦିବାସୀ ଭାଷାଭାଷୀ ଅଞ୍ଚଳରେ ଓଡ଼ିଆ ଲିପି ଓ ଆଦିବାସୀ ଭାଷାର ପୁସ୍ତିକା କିପରି ପାଠପଢ଼ାକୁ ସହଜସାଧ୍ୟ କରିଛି ତାହା ଜଣାଇଥିଲେ । ପ୍ରେମ୍‌ର ଆଦିବାସୀ ଶିକ୍ଷାର୍ଥୀମାନେ ବହୁ ଭାଷୀ ସ୍ୱାଗତ ସଂଗୀତ ପରିବେଷଣ କରି ଅତିଥିଙ୍କୁ ମନ୍ତ୍ରମୁଗ୍ଧ କରି ଥିଲେ । ଓଡ଼ିଶା ଆଦିବାସୀ ମଂଚ ଓ ନାକ୍ ଡିପ୍ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ ସୁଧୀର ଦିଗାଲ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ, ଜିଲ୍ଲା ବିଜେଡି ସଭାପତି ବିଜୟ କୁମାର ସ୍ୱାଇଁ ପ୍ରମୁଖ ମଂଚାସୀନ ଥିଲେ । ନାକଡିପ୍ ପକ୍ଷରୁ ବୁଦ୍ୟୁତଲତା ହୁଇକା ବିଭିନ୍ନ ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ରତନ ମିଶ୍ର, ମାନସ ବେହେରା, ଇତୋ ମଣ୍ଡଳ ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

News Clippings Inagural Function of NRTC PREM,Berhampur

VOLUME 5 | ISSUE 153 | BHUBANESWAR | MONDAY 20 JULY 2015 | ବର୍ଷ ୫ | ସଂଖ୍ୟା ୧୫୩ | ଭୁବନେଶ୍ୱର | ସୋମବାର, ୨୦ ଜୁଲାଇ, ୨୦୧୫ | 16 PAGES

ସର୍ବସାଧାରଣ

# ଜାତୀୟ ସମ୍ବଳ ଓ ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ




ବ୍ରହ୍ମପୁର, ୧୯।୭ (ବ୍ୟୁରୋ): ଗୋପାଳପୁର ନିକଟସ୍ଥ ପ୍ରେମ୍ ସ୍ବେଚ୍ଛାସେବୀ ଅନୁଷ୍ଠାନ ପରିସରରେ ଏକ ଜାତୀୟ ସମ୍ବଳ କେନ୍ଦ୍ରକୁ ରବିବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଏହି ସମ୍ବଳ କେନ୍ଦ୍ରଟି ଭାରତର ୧୬ଟି ରାଜ୍ୟରେ ଥିବା ଆଦିବାସୀମାନଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଉତ୍ସର୍ଗ କରାଯାଇଛି। ଏହି ଅବସରରେ ପ୍ରେମ୍‌ର ସଭାପତି ଡ଼ଃ ଜାକୋବ ଥୁଣ୍ଡିଲ, ବିଭିଏଲ୍ଏଫ୍, ଭାରତର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ, ପ୍ରେମିକା ମଣ୍ଡଳ ଓ ବିଦ୍ୟୁଲତା ହୁଇକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଓଡ଼ିଶା ଆଦିବାସୀ ମଞ୍ଚ, ନାକଡ଼ିପ୍ ଓ ପ୍ରେମର ସଂଯୋଜନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପକୁଳପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ସ୍ବାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସୁଧୀର ଦିଗାଲ ପ୍ରେମର କାର୍ଯ୍ୟକ୍ରମ, ଓଡ଼ିଶା ଆଦିବାସୀ ମଞ୍ଚ ଓ ନାକଡ଼ିପ୍ ସଂପର୍କରେ ସମ୍ୟକ୍ ଧାରଣା ଦେଇଥିଲେ। ପରେ ଓଡ଼ିଶା ଆଦିବାସୀ ମଞ୍ଚ ପକ୍ଷରୁ ଏଠାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶାର ଅନେକ ଆଦିବାସୀ ଅଞ୍ଚଳରୁ ବହୁ ପ୍ରତିନିଧି ଉପସ୍ଥିତ ଥିବା ବେଳେ କେନ୍ଦ୍ରମନ୍ତ୍ରୀ ଓରାମଙ୍କୁ ଆଦିବାସୀ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରେମର ସଭାପତି ଡ଼ଃ ଥୁଣ୍ଡିଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରତନ ମିଶ୍ର ଓ ଅନ୍ୟାନ୍ୟ ସହକର୍ମୀ ସହଯୋଗ କରିଥିଲେ। ଶେଷରେ ଇନ୍ଦ୍ରୋ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

శ్రీకాకుళం 20-7-2015 సోమవారం సిటీ సంపుటి 16. సంచిక 323

ఈనాడు
THE LARGEST CIRCULATED TELUGU DAILY



సామగ్రిని పరిశీలిస్తున్న జువల్ ఓరం, భాజపా నాయకులు

## పరిహారం చెల్లించాలి

స్థానిక బంజీవల్లి రథయాత్రలో శనివారం రథం చక్రాల కింద నలిగి మృతిచెందిన జి.జగన్నాథ రెడ్డి కుటుంబాన్ని కేంద్రమంత్రి ఓరం సాయంత్రం పరామర్శించారు. మృతుని కుటుంబానికి రాష్ట్ర ప్రభుత్వం రూ.5 లక్షలు పరిహారం చెల్లించాలని డిమాండు చేశారు.

News ClippingsInagural Function of NRTC PREM,Berhampur

BHUBANESWAR, TUESDAY JULY 21, 2015; PAGES 16 ₹3

the pioneer

www.dailypioneer.c...

# 'Modi Govt prioritises tribal language protection'

## Oram opens mega tribal resource centre in B'pur

**PNS ■ BRAHMAPUR**

Union Tribal Affairs Minister Jual Oram inaugurated the Resource and Training Centre on Mother Tongue-Based Multilingual Early Childhood Education (RTCMMCE) established by NGO PREM (People's Rural Education Movement) in association with Bernard van Leer Foundation, the Netherlands (BvLF-N) at village Mandiapalli, 10 km from here, on Sunday afternoon.

The PREM together with BvLF-N has been working for implementation of the mother tongue-based multilingual early childhood education in tribal districts of the State since 2007. Basing on this, they have developed the RTCMMCE to strengthen the existing ICDS centers in the tribal areas.

Speaking on this occasion, Oram said the Narendra Modi-led NDA Government is giving utmost priority on tribal languages and culture and providing assistances to 18 Tribal Research Units in the country for the purpose.




"Almost 32 tribal scripts are slowly dying now, so also most of the mother tongues, including Odia and Hindi as they are not being practiced by concerned children regularly at home. If we won't safeguard our own language, our culture would vanish slowly," Oram opined.

He assured that the Centre would provide the RTCMMCE for protection of age-old tribal language and culture. Expressing proud for being a tribal, Oram said a tribal never begs or implores even in distress not he or she tells a lie or pretends.

PREM president Jacob Thundyil said his NGO has successfully designed a model for printing in ten tribal languages. Of these 10 languages, teaching is currently being imparted in three languages, Saura (in Rayagada), Kui (in Kandhamal) and Juang (in Keonjhar). This center would now cater to the need of 16 tribal-dominated States along with 22 tribal districts of Odisha.

Among others, former Deputy Speaker of the State Legislative Assembly and BJP Spokesperson Rama Chandra Panda, Ganjam district BJP president Bijaya Kumar Swain, BJP youth leader Bibhuti Jena, former BMC Mayor Shiva Shankar Das and BVLF India representative, BvLF Dharitri Patnaik shared the dais with Oram.

Senior BJP leader Bijay Mohapatra, who ought to grace the event could not come because of illness, Oram informed.

News Clippings

Inagural Function of NRTC

PREM, Berhampur

GINEERS PVT.LTD.
NGINEERS PVT. LTD.
2004 Certified Company]
IN THE FIELD OF LIFTS/
EAD OFFICE IS AT 22,STRAND
BRANCH OFFICE IS AT
GURI. WE ARE HAVING OUR
N GOVT. / PSUs / CORPORATE
RISSA. WE HAVE GOT OUR
ORATE INSTITUTIONS APART

OTICE THAT A COMPANY
S' ARE ENCASHING OUR
THE MARKET.
LEVATORS & ENGINEERS PVT.
GENCY nor ANY FRANCHISEE IN
S'. AND WE CANNOT BE HELD
OUT OF THE ORDERS ON SUCH

OMPANY TO ENCASH OUR GOOD
ASSUCH, ALL CONCERNED ARE
TEND ACTIVITIES.

ସମାଜ™
The Samaja
ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲିକତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱରରୁ ପ୍ରକାଶିତ
95 YEARS OF PUBLICATION Daily Edition: R.N.I. No.4005/57 P.R. No.CK(C)/17/20[illegible]-2017
■ ବ୍ରହ୍ମପୁର, ସୋମବାର ୨୦ ଜୁଲାଇ ୨୦୧୫ ■ ଭାଗ- ୮୬ ସଂଖ୍ୟା-୧୯୭ ■ ଆଜି କର୍କଟ ୪ ଦିନ, ୧୪୨୨ ସାଲ ■ ଆଷାଢ଼ ୨[illegible] ଦିନ, ୧୯[illegible]

# ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ଜାତୀୟ ସମ୍ବଳ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ


ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଓ ଅନ୍ୟମାନେ

ଗୋପାଳପୁର, ୧୯।୭ (ନି.ପ୍ର.)- ମାଣ୍ଡିଆପଲ୍ଲୀସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ପ୍ରେମ' ପକ୍ଷରୁ ନିର୍ମିତ ହୋଇଥିବା ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇଁ ଜାତୀୟ ସମ୍ବଳ ଓ ତାଲିମକେନ୍ଦ୍ରକୁ ଆଜି ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିଥିଲେ । ଆୟୋଜିତ ସମାରୋହରେ 'ପ୍ରେମ'ର ସଭାପତି ଡଃ ଜାକୋବ ଥୁଣ୍ଡିଲ ଅଧ୍ୟକ୍ଷତା କରିବାସହ ଏହି ସମ୍ବଳକେନ୍ଦ୍ର ଦ୍ୱାରା ଦେଶର ୧୬ଟି ରାଜ୍ୟରେ ଥିବା ଆଦିବାସୀଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଉତ୍ସର୍ଗ କରାଯାଇଥିବା ସୂଚନା ଦେଇଥିଲେ । ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଯୋଗଦେଇ ଏହି କେନ୍ଦ୍ର ମାଧ୍ୟମରେ ଆଦିବାସୀ ଭାଷାର ସୁରକ୍ଷା ହେବ ବୋଲି କହିବାସହ ଓଡ଼ିଶା ତଥା ଦେଶରେ ଆଦିମ ଆଦିବାସୀଙ୍କ ଭାଷା ଲୋପ ପାଇବାକୁ ବସିଥିବାରୁ ଏହାର ପୁନରୁଦ୍ଧାର ପାଇଁ ପ୍ରେମ ଅଣ୍ଟା ଭିଡ଼ିଥିବାରୁ ସେ ଏହାର ଉଚ୍ଚ ପ୍ରଶଂସା କରିଥିଲେ । ଏଥିରେ ପୂର୍ବତନ ଉପବାଚସ୍ପତି ରାମ[illegible] ପଣ୍ଡା, ପୂର୍ବତନ ବ୍ରହ୍ମପୁର [illegible] ପିଣ୍ଟୁ ଦାସ, ବିଭୂତି ଜେନା, [illegible] ସ୍ୱାଇଁ, ବିଜିଏଲ୍ଏଫର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଓଡ଼ିଶା ଆଦିବାସୀ ମଞ୍ଚ ପକ୍ଷରୁ ପ୍ରେମିକା ମଣ୍ଡଳ ଓ ନାଲ୍‌ଡିପ୍ ପକ୍ଷରୁ ବିଦୁଲତା ଦୁଇକାଙ୍କ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଶେଷରେ ଇନ୍ଦୋ ମଣ୍ଡଳ ଧନ୍ୟବାଦ ଦେଇଥିଲେ । ରତନ ମିଶ୍ର, ମାନସ ବେହେରା, ନବୀନ ମିଶ୍ର, ମଧୁସୂଦନ ପାଢ଼ୀ, [illegible] ଥା, ଗୀତା ଦେବୀ, ହିମାନୀ ଦାସ, ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

News Clippings Inagural Function of NRTC PREM,Berhampur

Volume XXXI No 283
Berhampur
Monday 20 July 2015
Page 16 with E2 ₹ 5.00
ବ୍ରହ୍ମପୁର
ସୋମବାର, ୨୦ ଜୁଲାଇ ୨୦୧୫
ଇ୨ ସହ ୧୬ ପୃଷ୍ଠା, ମୂଲ୍ୟ ୫ ଟଙ୍କା
RNI Regd. No. 42132/84
30 YEARS
SAMBAD
ସମ୍ବାଦ
ROM BHUBANESWAR CUTTACK BERHAMPUR ANGUL BALASORE JEYPORE ROURKELA SAMBALPUR

News Clippings

Inagural Function of NRTC PREM,Berhampur

# ଓଡ଼ିଆ ଭାଷା ଅବହେଳିତ, ହିନ୍ଦୀ ଦରମରା : ଜୁଏଲ୍




ବ୍ରହ୍ମପୁର,୧୮।୭(ସମିସ): ଓଡ଼ିଶାରେ କେବଳ ଆଦିବାସୀ ଭାଷା ନୁହଁ ବରଂ ଓଡ଼ିଆ ଭାଷା ମଧ୍ୟ ଅବହେଳିତ ହୋଇ ରହିଛି। ବଡ଼ବଡ଼ ମହାନଗରୀରେ ଓଡ଼ିଆ ବାପା ମା ସେମାନଙ୍କ ପିଲାଛୁଆଙ୍କୁ ଇଂରାଜୀ ମିଡ଼ିଅମ ସ୍କୁଲରେ ପାଠ ପଢ଼ାଉଛନ୍ତି। ସେମାନଙ୍କ ପିଲାମାନେ ଓଡ଼ିଆ ଭାଷା କହି ପାରୁ ନାହାନ୍ତି କି ଲେଖି ପାରୁ ନାହାନ୍ତି। ଏଭଳି ଏକ ଅପସଂସ୍କୃତି ଆମ ଓଡ଼ିଶାପ୍ରତି ବିପଦ ସୃଷ୍ଟି କରିଛି ବୋଲି କହିଛନ୍ତି କେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜୁଏଲ୍ ଓରାମ୍। ଆଜି କେନ୍ଦ୍ରମନ୍ତ୍ରୀ ଓରାମ ମାଣ୍ଡିଆପଲ୍ଲୀ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ ପରିସରରେ ଏକ ଜାତୀୟ ସମ୍ବଳ କେନ୍ଦ୍ରକୁ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି। ଦେଶରେ ବହୁ ଭାଷା ମରି ଯାଉଛି। ହିନ୍ଦୀ ଭାଷା ଭଳି ରାଷ୍ଟ୍ରୀୟ ଭାଷା ମଧ୍ୟ ଦରମରା ହେଲାଣି। ଭାଷାକୁ ସୁରକ୍ଷା ନ ଦେଲେ ଆମ ସଂସ୍କୃତି ପରମ୍ପରା ବଞ୍ଚିବ ନାହିଁ। ଆଦିବାସୀମାନେ ସାଧାରଣତଃ ସରଳ ବିଶ୍ୱାସୀ। ଭିକ ମାଗିବାକୁ ପସନ୍ଦ କରନ୍ତି ନାହିଁ। ମିଛ କହିବା ଛଳନା କରିବା ଜାଣନ୍ତି ନାହିଁ। ତେଣୁ ସେମାନଙ୍କୁ ବହୁ ସ୍ଥାନରେ ପାଠପଢ଼ା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସୁଯୋଗ କମ୍ ମିଳିଥାଏ। ଭାଷା ବଞ୍ଚିଲେ ଜାତି ବଞ୍ଚିବ। ତେଣୁ ଭାଷାର ସୁରକ୍ଷା ଜରୁରି। ତେବେ ଆଦିବାସୀମାନଙ୍କ ଭାଷା ସୁରକ୍ଷା ନିମନ୍ତେ ଦୁଇଟି ଭାଷାରେ ପାଠ୍ୟ ପୁସ୍ତକ ପ୍ରକାଶନ କରିଥିବା ପ୍ରେମ୍ ସଂସ୍ଥାର ଉଦ୍ୟମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ପ୍ରେମ୍‌ର ସଭାପତି ଜ୍ୟାକୋବ୍ ଥୁଣ୍ଡିଲ ସଭାରେ ପୌରୋହିତ୍ୟକରି ପ୍ରାରମ୍ଭିକ ସୂଚନାକ୍ରମରେ କହିଲେ ଏହି ସମ୍ବଳ କେନ୍ଦ୍ରଟି ଭାରତର ୧୬ଟି ରାଜ୍ୟରେ ଆଦିବାସୀମାନଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ କାର୍ଯ୍ୟ କରିବ। ବିଭିଏଲ୍‌ଏଫର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ଶିଶୁ ଶିକ୍ଷାରୁ ଉତ୍ତୀର୍ଣ୍ଣ ହୋଇ କିପରି ପାରଦର୍ଶିତା ହାସଲ କରୁଛନ୍ତି ଓ ଆଦିବାସୀ ଭାଷାଭାଷୀ ଅଞ୍ଚଳରେ ଓଡ଼ିଆ ଲିପି ଓ ଆଦିବାସୀ ଭାଷାର ପୁସ୍ତିକା କିପରି ପଠାପଢ଼ାକୁ ସହଜସାଧ୍ୟ କରିଛି ତାହା ଦର୍ଶାଇଥିଲେ। ପ୍ରେମ୍‌ର ଆଦିବାସୀ ଶିକ୍ଷାର୍ଥୀମାନେ ବହୁ ଭାଷୀ ସ୍ୱାଗତ ସଂଗୀତ ପରିବେଷଣ କରି ଅତିଥିଙ୍କୁ ମନ୍ତ୍ରମୁଗ୍ଧ କରି ଥିଲେ। ଓଡ଼ିଶା ଆଦିବାସୀ ମଂଚ ଓ ନାକ୍ ପିଡ୍ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ ସୁ[illegible] ଦିଗାଲ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପକୁଳପତି ଡା[illegible] ପଣ୍ଡା, ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ, ଜିଲ୍ଲା ବିଜେପି ସଭାପତି ବିକ୍ରମ କୁମାର [illegible] ପ୍ରମୁଖ ମଞ୍ଚାସୀନ ଥିଲେ। ନାକ୍[illegible] ପକ୍ଷରୁ ବୃନ୍ଦାଲତା ହୁଇକା [illegible] ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗଟନ ମିଶ୍ର, ମାନସ ବେହେରା, ଇଭୋ ମଣ୍ଡଳ ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

News Clippings Inagural Function of NRTC PREM,Berhampur

THE ANUPAM BHARAT

ଅନୁପମ ଭାରତ

www.anupambharatonline.com

Published from Brahmapur, Bhubaneswar, Rayagada

ବ୍ରହ୍ମପୁର, ସୋମବାର ୨୦ ଜୁଲାଇ ୨୦୧୫

# 'ବହୁଭାଷୀ ଶିକ୍ଷାର ପ୍ରସାର ନେଇ ପ୍ରେମ୍‌ର ଅବଦାନ ଅତୁଳନୀୟ'



ବ୍ରହ୍ମପୁର,୧୯।୭ (ଅନୁପମ ମିଡ଼ିଆ): ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାଥମିକ ଶିକ୍ଷାର ପ୍ରସାର ନେଇ ପ୍ରେମ ସଂଗଠନର ଅବଦାନ ଅତୁଳନୀୟ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମତ ପ୍ରକାଶ କରିଛନ୍ତି ।

ଆଜି ମାଣିଆପଲ୍ଲୀ ସ୍ଥିତ ପ୍ରେମ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ଏକ ଜାତୀୟ ସମ୍ବଳ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ କହିଛନ୍ତି ଯେ, ରାଜ୍ୟର ଆଦିବାସୀଙ୍କ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ପ୍ରେମ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଅବଦାନ ଓ ଭୂମିକାକୁ ପ୍ରଶଂସା କରିଛନ୍ତି । ଏପରିକି ଆଜିର ଉଦ୍‌ଘାଟିତ ଜାତୀୟ ସମ୍ବଳକେନ୍ଦ୍ରଟି ଭାରତର ୧୬ଟି ରାଜ୍ୟର ଆଦିବାସୀଙ୍କ ପାଇଁ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାଥମିକ ଶିକ୍ଷାର ଉନ୍ନତିପାଇଁ ଉତ୍ସର୍ଗ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନେଦରଲାଣ୍ଡରେ ଅବସ୍ଥିତ ବର୍ଣ୍ଣାଡ଼୍ ଭାନ ଲିଅର୍ ଫାଉଣ୍ଡେସନ୍ ନାମକ ଆନ୍ତର୍ଜାତିକ ସଂସ୍ଥା ସହାୟତାରେ ନିର୍ମିତ ସମ୍ବଳ କେନ୍ଦ୍ରରେ ଏକ ଆଦର୍ଶ ପ୍ରାକ୍ ପ୍ରାଥମିକ ଶିଶୁ କେନ୍ଦ୍ର ରହିଥିବା ବେଳେ ତାଲିମ୍ ପାଇଁ ସଭାଗୃହର ପ୍ରାବଧାନ ରହିଥିବା ପ୍ରକାଶ କରାଯାଇଛି ।

ଏହି ଅବସରରେ ଓଡ଼ିଶା ଆଦିବାସୀ ମଞ୍ଚ ନାକ୍‌ଡ଼ିପ୍ ଓ ପ୍ରେମର ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେମ୍ ସଂସ୍ଥାର ଶିଶୁଶିକ୍ଷା ପାଇଁ କେନ୍ଦ୍ରୀ ବିଦ୍ୟାଳୟରେ ଶିକ୍ଷାରତ ଆଦିବାସୀ ଛାତ୍ରଛାତ୍ରୀଙ୍କ ବହୁଭାଷୀ ଭାଷାରେ ସ୍ୱାଗତ ସଂଗୀତ ସମସ୍ତଙ୍କୁ ମୁଗ୍ଧ କରିଥିଲା । ଏଥିରେ ପ୍ରେମ୍ ସଭାପତି ଡ଼ଃ.ଜାକବ୍ ଥୁଣ୍ଡିଲ୍ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଉଥିବା ବେଳେ ବିଭିଏଲ୍‌ଏଫ୍ ଭାରତର ନିର୍ଦ୍ଦେଶିକା ଧରିତ୍ରୀ ପଟ୍ଟନାୟକ ମାତୃଭାଷା ଭିତ୍ତିକ ବହୁଭାଷୀ ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ସୁଧୀର ବିଶାଲ୍ ପ୍ରେମର କାର୍ଯ୍ୟକ୍ରମ, ଓଡ଼ିଶା ଆଦିବାସୀ ସଂଘ ଓ ନାକ୍‌ଡ଼ିପ୍ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ଉପକୁଳପତି ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିବା ବେଳେ ଓଡ଼ିଶାର ବିଭିନ୍ନ ଆଦିବାସୀ ଅଞ୍ଚଳରୁ ବହୁ ପ୍ରତିନିଧି ଯୋଗଦେଇଥିଲେ । ଅବସରରେ ଓଡ଼ିଶା ଆଦିବାସୀ ମଞ୍ଚ ପକ୍ଷରୁ ପ୍ରେମିକା ମଣ୍ଡଳ ନାକ୍ ଡିପ୍ ପକ୍ଷରୁ ବିଦୁଲତା ହୁଇକା ବିଭିନ୍ନ ଦାବି ସମ୍ବଳିତ ପୃଥକ ସ୍ମାରକପତ୍ର ମନ୍ତ୍ରୀ ଓରାମ୍‌ଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରତନ ମିଶ୍ର ଓ ପ୍ରେମର ଅନ୍ୟାନ୍ୟ ସଦସ୍ୟ ସଂଯୋଜନା କରିଥିବା ବେଳେ ଇଡୋ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।